FINAL

# ଆଜୀବିକା

ଆସଲୋ ବଉଳ ଆସ ମକର
ଗାଁରେ ବଢ଼ିବ ଆମ ଆଦର
ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ିବା
ପେଟ ପାଟଣାର ରାହା ପାଇବା ।

ଆଜୀବିକା ଏବେ ଆସିଛି
ନିଜ ଗୋଡ଼େ ନିଜେ ଠିଆ ହେବା ପାଇଁ
ଶକତି ପସରା ମେଲିଛି ।

**V2:** ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆପଣଙ୍କ ଗାଁ ସରପଞ୍ଚ, **B.D.O** କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ।

**V1:** ଆଜୀବିକା – ସାମାଜିକ ସୁରକ୍ଷା ପ୍ରଦାନ ଏବଂ ଏକ ଦାରିଦ୍ର୍ୟ ମୁକ୍ତ ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।

FINAL

# ମନରେଗା

ମୁଣ୍ଡରେ ବାନ୍ଧି ଗାମୁଛା ଆସରେ
ହାତେ ଧରି କୋଡ଼ି କୋଦାଳ
ବରଷକୁ ଶହେ ଦିନ କାମ କର
ଲୋଡ଼ାନାହିଁ କଳା କୌଶଳ ...
ଯୋଜନାର ନାମ ମନରେଗା ଜାଣି ରଖ
ଘୁଂଚାଇବ ଆମ ଗରୀବଂକର ଏ ଦୁଃଖ ...

**V2:** ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆପଣଙ୍କ ଗାଁ ସରପଞ୍ଚ, **B.D.O** କିମ୍ୱା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ।

**V1:** ମନରେଗା – ସାମାଜିକ ସୁରକ୍ଷା ପ୍ରଦାନ ଏବଂ ଏକ ଦାରିଦ୍ର୍ୟ ମୁକ୍ତ, ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।

FINAL

# ଇନ୍ଦିରା ଆବାସ ଯୋଜନା

ଇନ୍ଦିରା ଆବସ ଯୋଜନାରେ ଭାଇ
ସଭିଙ୍କୁ ମିଳିବ ବାସ ।
**BPL** ପରିବାର ଲୋକଙ୍କ ମୁହଁରେ
ଏଥର ଖେଳିବ ହସ ।

ପକ୍କା ଘର ହବ, ପାଇଖାନା ଥିବ
ସୁସ୍ଥ ଥିବ ପରିବେଶ ।
ସଭିଙ୍କୁ ମିଳିବ ଠିକଣା
ଗାଁ ହସୁ ଥିଲେ, ଏ ଦେଶ ହସିବ
ସଫଳ ହବ ଯୋଜନା ।

**V2:** ଇନ୍ଦିରା ଆବାସ ଯୋଜନାର ସୁବିଧା ହାସଲ କରିବା ପାଇଁ ଆପଣଙ୍କ ଗାଁ ସରପଞ୍ଚ କିମ୍ୱା **B.D.O** ଙ୍କ ସହିତ ଯୋଗାଯୋଗ କରନ୍ତୁ ।

**V1:** **ଇନ୍ଦିରା ଆବାସ ଯୋଜନା** – ସାମାଜିକ ସୁରକ୍ଷା ପ୍ରଦାନ ଏବଂ ଏକ ଦାରିଦ୍ର୍ୟମୁକ୍ତ, ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।

FINAL

# ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା

ପଥ ଦିଏ ଜିଇବାର ରାହା
ପଥ ଦିଏ ଗତି
ଆଗକୁ ଆଗେଇବାକୁ
ପଥ ଦିଏ ଶକ୍ତି ।

ଅଢ଼େଇଶ ଘର ଥିବ
ପାହାଡ଼ିଆ ଇଲାକାରେ
ପାଞ୍ଚଶହ ଘର ଥିବ
ଅନ୍ୟ ଅଂଚଳରେ,

ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା
ସେ ଗାଁ କୁ ପଥ ଦବ,
ଭାରତ ସରକାରଙ୍କ ଏଇ ପ୍ରତି ଶ୍ରୁତି ।

**V2:** ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆପଣଙ୍କ ଗାଁ ସରପଞ୍ଚ,
**B.D.O** କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ
ତୁରନ୍ତ ଯୋଗାଯୋଗ କରନ୍ତୁ ।

**V1:** ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା –
ସାମାଜିକ ସୁରକ୍ଷା ପ୍ରଦାନ ଏବଂ
ଏକ ଦାରିଦ୍ର୍ୟମୁକ୍ତ, ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ
ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।

FINAL

# ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନ୍‌ସନ୍ ଯୋଜନା

ମାନସିକ ଅବା, ଶାରିରୀକ
ହୋଇଥିବ ଯିଏ, ଭିନ୍ନକ୍ଷମ
ଗାଁ ଅବା ସହରରେ, ରହୁଥିବ
ଦାରିଦ୍ର୍ୟ ସୀମାରେଖା, ତଳେ ଥିବ
ଭିନ୍ନକ୍ଷମ ପେନ୍‌ସନ୍ ପାଇଁ ସେ
ହେବ ହକ୍‌ଦାର
ପ୍ରତିଶୃତି ବଦ୍ଧ ଆମ ଭାରତ ସରକାର ।

V1: ଅଠରରୁ ଅଣାଅଶି ବୟସର ଭିନ୍ନକ୍ଷମ ବ୍ୟକ୍ତି
ଯେଉଁମାନଙ୍କ ଶରୀରରେ ଶତକଡ଼ା ୮୦ରୁ ଅଧିକ
ଅକ୍ଷମତା ଥିବ, ସେମାନଙ୍କୁ ପ୍ରତ୍ୟେକ ମାସ
ଭିନ୍ନକ୍ଷମ ପେନ୍‌ସନ୍ ଦେବାପାଇଁ
ଭାରତ ସରକାର ପ୍ରତିଶୃତି ବଦ୍ଧ ।

V2: ଏ ସମ୍ପର୍କରେ ..... ଅଧିକ ଜାଣିବା ପାଇଁ ଆପଣଙ୍କ
ଗାଁ ସରପଞ୍ଚ, **B.D.O** କିମ୍ୱା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ
ତୁରନ୍ତ ଯୋଗାଯୋଗ କରନ୍ତୁ ।

V1: **ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନ୍‌ସନ୍ ଯୋଜନା –**
ସାମାଜିକ ସୁରକ୍ଷା ପ୍ରଦାନ,
ଏକ ଦାରିଦ୍ର୍ୟ ମୁକ୍ତ ଏବଂ ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ
ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।

FINAL

= ଇନ୍ଦିରାଗାନ୍ଧି ଜାତୀୟ ବିଧବା ପେନ୍‌ସନ୍ ଯୋଜନା =

= Effect (କାନ୍ଦ)=

ଲିଭିଲା ସିନ୍ଦୂର ଭାଙ୍ଗିଲା ଶଙ୍ଖା,
କପାଳରେ ଥିଲା ବିଧବା ଲେଖା
ହେଲେ ଆଜି ସିଏ ନୁହେଁଟି ଏକା ।

ଚାଳିଶିରୁ ଅଣାଅଶୀ ବୟସ
ଦାରିଦ୍ର୍ୟର ସୀମା ତଳକୁ ଥିଲେ
ପେନ୍‌ସନ୍ ପାଇବ ମାସକୁ ମାସ ।

ବିଧବା ପେନ୍‌ସନ୍ ପାଇଁ ସେ ହେବ ହକ୍‌ଦାର
ପ୍ରତିଶ୍ରୁତି ବଦ୍ଧ ଆମ ଭାରତ ସରକାର ।

**V2:** ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆପଣଙ୍କ
ଗାଁ ସରପଞ୍ଚ, **B.D.O** କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ।

**V1:** ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା –
ସାମାଜିକ ସୁରକ୍ଷା ପ୍ରଦାନ ଏବଂ ଏକ ଦାରିଦ୍ର୍ୟମୁକ୍ତ,
ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ ସରକାରଙ୍କ
ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।

FINAL

= ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା =

ଶୁଣ ଶୁଣ ଶୁଭ ଖବର
କି ଗାଁ କି ସହର
ଷାଠିଏ ହୋଇଲେ ବଅସ
ବୁଢ଼ାବୁଢ଼ୀ ମନେ ହରଷ
ଦାରିଦ୍ର୍ୟର ସୀମା ତଳେ ରହିଥିଲେ
ପେନ୍‌ସନ୍ ପାଇବ ମାସକୁ ମାସ ।

ଯଦି ହେଲା ଅଶି ବଅସ
ବର୍ଦ୍ଧିତ ଦରରେ ପେନ୍‌ସନ୍ ମିଳିବ
ହୁଅ ନାହିଁ ଆଉ ହତାଶ ।

**V1:** ଏ ସମ୍ପର୍କରେ ..... ଅଧିକ ଜାଣିବା ପାଇଁ ଆପଣଙ୍କ ଗାଁ ସରପଞ୍ଚ, **B.D.O** କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ।

**V2:** ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା – ସାମାଜିକ ସୁରକ୍ଷା ପ୍ରଦାନ ଏବଂ ଏକ ଦାରିଦ୍ର୍ୟ ମୁକ୍ତ ପ୍ରଗତିଶୀଳ ଦେଶ ଗଠନ ଦିଗରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଆଉ ଏକ ପଦକ୍ଷେପ ।